ସମ୍ବାଦ

ତାରିଖ:୨୩.୦୩.୨୦୨୫

# ବିଆଇଆଇଟିଏମ୍‌ର ଗ୍ରାଜୁଏସନ୍ ଡେ




ଚନ୍ଦ୍ରଶେଖରପୁର,୨୨/୩(ଇମିସ): ବିଜୁ ପଟ୍ଟନାୟକ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫରମେସନ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ୍ ଷ୍ଟଡିଜ୍‌ର ଆଜି ଗ୍ରାଜୁଏସନ ଡେ ଅନୁଷ୍ଠିତ ହୋଇଯାଇଛି। ଗ୍ରାଜୁଏଟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଲିମିଟେଡ୍‌ର ଏକ୍ସକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ସେମାନଙ୍କର ଗ୍ରାଜୁଏଟ୍ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କଲେଜ କ୍ୟାମ୍ପସ ଛାଡ଼ି ଯାଉଥିବା ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନ ପ୍ରତି ନିଜର ଭଲପାଇବା ଜାରି ରଖିବା ସାଙ୍ଗକୁ ଏଠାରୁ ପାଇଥିବା ଶିକ୍ଷାକୁ କିଭଳି ନିଜ କର୍ମକ୍ଷେତ୍ରରେ ଲଗାଇବେ ସେ ସମ୍ପର୍କରେ କହିଥିଲେ।

କାର୍ଯ୍ୟକ୍ରମରେ ୨୦୧୯-୨୪ ବର୍ଷର ୬୦ ଆଇବିଏମ୍ ଛାତ୍ରଛାତ୍ରୀଙ୍କ ସମେତ ୨୦୨୨-୨୪ ବର୍ଷର ୩୧୨ ଜଣ ଏମ୍‌ବିଏ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ, ଉପଦେଷ୍ଟା ପ୍ରଫେସର ପିଆର୍ ପଟ୍ଟନାୟକ, ଡିନ୍ ପ୍ରଫେସର ଚିନ୍ମୟ କୁମାର ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।